(ଚମ୍ପାରଣ ଆନ୍ଦୋଳନର ଶତବାର୍ଷିକୀ)    **ଚମ୍ପାରଣର ଚିତ୍କାର**

# ସ୍ୱାଧୀନ ଭାରତ ହେଉଛି ସ୍ୱାଧୀନତାର ଦୁଃଖଦାୟକ ଉପହାର

## ବିଭୂତି ପତି

***ଚମ୍ପାରଣ ଚହଳର (ଆନ୍ଦୋଳନ) ଶତବାର୍ଷିକୀ ଉପଲକ୍ଷେ ଚଳିତବର୍ଷ ମାର୍ଚ୍ଚ - ଏପ୍ରିଲ-ମେ ମାସରେ କେନ୍ଦ୍ର ସରକାର ବଡ଼ ଧୂମ୍‌ଧାମରେ ଏହାକୁ ପାଳନ କଲେ । ମାତ୍ର କୃଷକର କଷଣ ଲାଘବ ହେଲାନି କିମ୍ବା ଚିର ଚାଷର ଚରିତ୍ର ବଦଳିଲାନି । କଷ୍ଟ ସହି ସହି କୃଷକ କାନ୍ଦୁଛି ଏବଂ ଚାଷ ଜମିର ଯନ୍ତ୍ରଣା ବଢ଼ି ଚାଲୁଛି । ଏହାରି ଭିତରେ ଚମ୍ପାରଣ ଚାତକ ଭଳି ଚାହିଁ ରହିଛି । ଏହାକୁ ଦେଖିଲେ ଲାଗୁଛି ଏକଶହ ବର୍ଷ ପରେ ଚମ୍ପାରଣ ଚହଳର ଚମକ ଚିତ୍କାର କରି କରି ସରକାରୀ ପ୍ରଚାରର ଚାକଚକ୍ୟ ଭିତରେ ଚମ୍ପଟ ମାରିଛି । ଚମ୍ପାରଣର ଶତବାର୍ଷିକରେ ସମଦୃଷ୍ଟିର ସ୍ୱତନ୍ତ୍ର ରିପୋର୍ଟ ।***

ଆମେ ସ୍ୱାଧୀନତା ଆନ୍ଦୋଳନରେ ଚମ୍ପାରଣର ଶୋଷଣ ବିରୋଧରେ ସଂଗ୍ରାମକୁ କିପରି ମନେ ପକାଇବା ? ବ୍ରିଟିଶ ସରକାରର ଶୋଷଣ ଓ କଷଣରୁ ମୁକ୍ତିପାଇଁ ଆଦିମ ଚେତନାରୁ ଜନ୍ମ ନେଇଥିବା ଚମ୍ପାରଣର ସଂଗ୍ରାମ ସ୍ୱାଧୀନତା ଆନ୍ଦୋଳନକୁ କ'ଣ ଏକ ନୂଆ ମୋଡ଼ ଦେଇଥିଲା ? ଚମ୍ପାରଣର ଚମତ୍କାରିତାରେ ସମୟ ସ୍ରୋତର ସଂଗ୍ରାମ କ'ଣ ସତରେ ମୋହନ ଦାସଙ୍କୁ ମଣିଷରୁ ମହାତ୍ମା କରିଦେଲା ? କିମ୍ବା ଆମେ ଚମ୍ପାରଣ ଆନ୍ଦୋଳନକୁ ସମାଜର କୃଷକ ଓ ନିଷ୍ପେଷିତମାନଙ୍କର ଏକ ସଂଗ୍ରାମ କହିବା, ଯାହା ପରାଧିନ ଭାରତର ମୁକ୍ତି ଆନ୍ଦୋଳନରେ ଏକ ଅଗ୍ନି ସ୍ଫୁଲିଙ୍ଗର ପ୍ରେରଣା ଦେଇଥିଲା ? ଯାହାଦ୍ୱାରା ପରବର୍ତ୍ତୀ ସମୟରେ ବ୍ରିଟିଶ ସରକାର ବିରୋଧରେ ଭାରତୀୟମାନଙ୍କୁ ଏକାଠି ଛିଡ଼ା ହେବାର ଶକ୍ତିଦେଇ ସ୍ୱାଧୀନତାର ଅହିଂସା ଆନ୍ଦୋଳନକୁ ତୀବ୍ର କରିଥିଲା ।

# ପ୍ରତୀକ୍ଷାରେ ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ !

## ସରଳ କୁମାର ଦାସ

ଜଣେ ଡାକ୍ତରୀ ବା ଇଞ୍ଜିନିଅରିଂ ଛାତ୍ରର ପାଠପଢ଼ା ବାବଦରେ ରାଜକୋଷରୁ ଯେତିକି ଟଙ୍କା ଖର୍ଚ୍ଚ ହୋଇଥାଏ, ଜଣେ କୃଷି ସ୍ନାତକ ବା ସ୍ନାତକୋତର ଛାତ୍ର ପଛରେ ତା'ଠାରୁ ଯଥେଷ୍ଟ କମ୍ ଖର୍ଚ୍ଚ ହୋଇଥାଏ । ଏଥିସହ ଡାକ୍ତର ଓ ଇଞ୍ଜିନିୟରଙ୍କ କ୍ଷେତ୍ରରେ ପ୍ରତିଭା ପଳାୟନ (ବ୍ରେନ ଡ୍ରେନ)ର ଭୟ ଥିଲେ ମଧ୍ୟ କୃଷି ସ୍ନାତକଙ୍କ କ୍ଷେତ୍ରରେ ତାହା ପ୍ରାୟ ଦେଖା ଯାଇ ନଥାଏ । ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକ କୃଷି ଶିକ୍ଷାଦାନ ପ୍ରତି ବିଶେଷ ଆଗ୍ରହ ଦେଖାଉ ନଥିବାରୁ ଏହା ପ୍ରାୟତଃ ସରକାରୀ ପୃଷ୍ଠପୋଷକତା ଉପରେ ନିର୍ଭର କରିଥାଏ । ତେବେ ବିଗତ ଦିନମାନଙ୍କରେ ସରକାର ଏ ବାବଦରେ ଯେଉଁ ଅର୍ଥ ବ୍ୟୟ କରିଛନ୍ତି, ଦେଶରେ ସବୁଜ ବିପ୍ଳବ (କୃଷି),ଶ୍ୱେତ କ୍ରାନ୍ତି (କ୍ଷୀର), ନୀଳ କ୍ରାନ୍ତି (ମତ୍ସ୍ୟ), ପୀତ କ୍ରାନ୍ତି (ତୈଳବୀଜ) ଆଦି ଜରିଆରେ ହୋଇଥିବା ଉଲ୍ଲେଖନୀୟ ଅଗ୍ରଗତି ଦ୍ୱାରା ତାଠାରୁ ଯଥେଷ୍ଟ ଅଧିକ ସୁଫଳ ମିଳିସାରିଛି । ତେଣୁ କୃଷି ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ହେଉଥିବା ପୁଞ୍ଜି ବିନିଯୋଗ ନିଶ୍ଚିତ ଭାବେ ଏକ ଅଦରକାରୀ ବ୍ୟୟ ନୁହେଁ, ବରଂ ଏହା କୃଷି ଉତ୍ପାଦନ ଓ ଉତ୍ପାଦକତା ବଢ଼ାଇବା ସଙ୍ଗେସଙ୍ଗେ ସମୃଦ୍ଧିର ମାର୍ଗ ପ୍ରଶସ୍ତ କରିଥାଏ ।

# ଓଡ଼ିଶାରେ ଅନ୍ୟ ଏକ ସନ୍ଦେହଜନକ ଅନାହାର ମୃତ୍ୟୁ

# ଅସହାୟ ବୃଦ୍ଧ ଓ ଭିନ୍ନକ୍ଷମଙ୍କ କ୍ଷେତ୍ରରେ ଏପରି ସ୍ଥିତି ଅଧିକ

## ସମୀତ ପଣ୍ଡା

ଏକ ସନ୍ଦେହଜନକ ଅନାହାର ମୃତ୍ୟୁ ମାମଲା ବିଷୟରେ ବିଭିନ୍ନ ଓଡ଼ିଆ ସମ୍ବାଦପତ୍ରଗୁଡ଼ିକରେ ଗତ ଅକ୍ଟୋବର ମାସ ୧୪ତାରିଖରେ ପ୍ରକାଶ ପାଇଥିଲା । ସେହି ମୃତ ବ୍ୟକ୍ତିଜଣକ ହେଉଛନ୍ତି ନୟାଗଡ଼ ଜିଲ୍ଲାର ପଣ୍ଡାରିପଡ଼ା ଗ୍ରାମପଂଚାୟତ ଅନ୍ତର୍ଗତ ଓଡ଼ଗାଁ ବ୍ଲକ୍‌ର ୬୩ ବର୍ଷୀୟ ବୃଦ୍ଧ ଯୁଗଳ ବେହେରା । ସେ ଅକ୍ଟୋବର ମାସ ୧୩ ତାରିଖ ଦିନ ଅନାହାରଜନିତ ମୃତ୍ୟୁବରଣ କରିଥିଲେ ବୋଲି ଅଭିଯୋଗ ହୋଇଛି । ନୟାଗଡ଼ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟଠାରୁ ୩୦ କି.ମି.ଦୂରରେ ଅବସ୍ଥିତ ଏକ ପଛୁଆ ଗ୍ରାମ ଦେଓଗାଁ । ଏହି ଗ୍ରାମରେ ମୋଟ ୧୬୦ ପରିବାର ବସବାସ କରନ୍ତି । ଏହି ୧୬୦ ପରିବାର ମଧ୍ୟରେ ପଛୁଆବର୍ଗର (ଓବିସି) ପରିବାରଙ୍କ ସଂଖ୍ୟା ଅଧିକ । ଅନାହାର ମୃତ୍ୟୁଗୁଡ଼ିକ ସାଧାରଣ ଭାବରେ ବୟସ୍କ, ଭିନ୍ନକ୍ଷମ, ଏକାକୀ ରହୁଥିବା ପୁରୁଷ/ମହିଳାମାନଙ୍କ କ୍ଷେତ୍ରରେ ଦେଖା ଯାଇଅଛି ଏବଂ ଯୁଗଳ ବେହେରାଙ୍କର ଏହି ଘଟଣା ମଧ୍ୟ ଅନୁରୂପ ଭାବରେ ହୋଇଅଛି ।

# # ମି ଠୁ'

**ଜୟଶ୍ରୀ ସାହୁ**

କୋଉଟା ବେଶୀ ପ୍ରଭାବଶାଳୀ, ଗୋଟିଏ ଘଟଣା ନା କେବଳ ତା'ର ସ୍ମୃତି ! ଫରାସୀ ଲେଖକ ମାର୍ଶାଲ ପ୍ରାଉଷ୍ଟ କୁହନ୍ତି.. ଗୋଟିଏ ଅପ୍ରିୟ ଘଟଣାଠାରୁ  ତା'ର ସ୍ମୃତି ଅଧିକ ଯନ୍ତ୍ରଣାଦାୟକ । ଘଟଣାଟି ଥରେ ଘଟିଥାଏ ସିନା,  ତାର ସ୍ମୃତି କିନ୍ତୁ ଭୁକ୍ତଭୋଗୀଙ୍କୁ ବାରମ୍ବାର କଲବଲ କରି ମାରୁଥାଏ । ପ୍ରେମିକର ଗୋଟିଏ ଚାହାଣୀ ଯଦି ପ୍ରେମିକାକୁ ରାଧା ଅଥବା ମୀରା ରେ ରୂପାନ୍ତରିତ କରିଦେଇପାରେ, ତେବେ ଏହାର ବିପରୀତରେ କୌଣସି ବି ପୁରୁଷ ସହ ଏକ  ଅପ୍ରୀତିକର ଘଟଣା  ବା ବଳାତ୍କାରୀକୁ  ତାକୁ ଭୁଲିଯିବାଟା ନାରୀ ପାଇଁ  ସହଜ ହେବ କିପରି ? ସଂପୃକ୍ତ ପୁରୁଷ ଆଖିରେ ଘଟଣାଟା ଗୌଣ ବା ରୋମାଂଚକର ହେଇପାରେ, କିନ୍ତୁ ପୀଡ଼ିତା ନାରୀ ପାଇଁ ତାହା ସମାନ ହେବ କିପରି ? ଏକ ପକ୍ଷରେ ଉଭୟ ସାମାଜିକ ଓ ଶାରୀରିକ କ୍ଷେତ୍ରରେ ନାରୀ ଦୁର୍ବଳା । ଅନ୍ୟପକ୍ଷରେ, ଏକ ଲୋଭନୀୟ ବସ୍ତୁ ଭାବେ କେଉଁ କାଳୁ ତା'ର ପରିଚିତି । ଅତଏବ, ତାର ଶରୀର ଉପରେ ସାମୟିକ ବା ଦୀର୍ଘସ୍ଥାୟୀ ମାଲିକାନା ଜାହିର କରିବାଟା: 'ଢ଼ୋଲ୍, ଗୱାଁର, ପଶୁ ଔର ନାରୀ' ନ୍ୟାୟରେ  ପୁରୁଷ ପାଇଁ ଉଭୟ କ ର୍ବ୍ୟ ଓ ବାହାଦୂରୀ ରୂପେ ପରିଗଣିତ ହେଇଥାଏ । ସେଥିପାଇଁ 'ମି ଠୁ ବା ମୁଁ ମଧ୍ୟ' ଆନ୍ଦୋଳନକୁ ନେଇ ଏତେ ଚର୍ଚ୍ଚା, ଏତେ ଆତଙ୍କ ।୲୨୦୦୬ ମସିହାରୁ ଆରମ୍ଭ ହେଇଥିବା ଏହି ଆନ୍ଦୋଳନ ୨୦୧୭ ଅକ୍ଟୋବର ମାସରେ ପୁଣି ଲୋକପ୍ରିୟ ହେଲା ଆମେରିକୀୟ ଅଭିନେତ୍ରୀ ଆଲିସା ମିଲାନୋଙ୍କ ଦ୍ୱାରା, ଯିଏ କି, ସମସ୍ତ ପୀଡ଼ିତା ନାରୀଙ୍କୁ ଏ ଅଭିଯାନରେ ସାମିଲ ହେଇ ନିଜ ପ୍ରତି ହେଇଥିବା ଯୌନହିଂସାକୁ ଖୋଲାଖୋଲି ସୋସିଆଲ ମିଡ଼ିଆରେ ପ୍ରକାଶ କରିବାକୁ ଆହ୍ୱାନ ଦେଲେ । ଅନେକ ବିରୋଧ ଓ ମୁକାବିଲା ସ ୍ୱ ଉଭୟ ପୁରୁଷ ଓ ନାରୀଙ୍କ ଦ୍ୱାରା ସାରାପୃଥିବୀରେ ଏ ଆନ୍ଦୋଳନ ଲୋକପ୍ରିୟ ହେବାରେ ଲାଗିଛି ।

# ବୈଜ୍ଞାନିକତାବାଦ ବନାମ ପାଖଣ୍ଡବାଦ ! !

**ସୂର୍ଯ୍ୟମଣି ମିଶ୍ର**

ସିବିଆଇକୁ ବୈଜ୍ଞାନିକ ବ୍ୟାଖ୍ୟାନର ଆବଶ୍ୟକତା ନାହିଁ । ଜଣେ ବାବାଜୀଙ୍କ ଉପଦେଶ ଆବଶ୍ୟକତା । ଉ□ମ ହୁଅନ୍ତା ବା ଭଲ ହୁଅନ୍ତା । ବିଶ୍ୱର ଖ୍ୟାତିସମ୍ପନ୍ନ ଅନୁସନ୍ଧାନ ସଂସ୍ଥାର ସର୍ବଶ୍ରେଷ୍ଠ ବିଶେଷଜ୍ଞଙ୍କୁ ଅଣାଯାଇ ସେମାନଙ୍କ ବ୍ୟାଖ୍ୟାନ-ସଫଳତା ଅର୍ଜନର ସୂତ୍ର ବା

ମାର୍ଗକୁ ସିବିଆଇ ନିକଟରେ ପହଂଚାଇବା । ଫଳରେ ଆମ ଦେଶର ସିବିଆଇ ଭଳି ଅନୁସନ୍ଧାନ ସଂସ୍ଥାର ଦକ୍ଷତା, କାର୍ଯ୍ୟକୁଶଳତା, ପାରଦର୍ଶିତା ବୃଦ୍ଧି ହୁଅନ୍ତା । ସିବିଆଇ ଅଧିକାରୀମାନେ ଲାଭାନ୍ୱିତ ହୁଅନ୍ତେ । କିନ୍ତୁ ଆମର ଏଠି ସବୁ ଓଲଟା-ପାଲଟା । ବାବା ଲୋକ ହୁଅନ୍ତୁ ବା ଜ୍ୟୋତିଷୀ; ସମ୍ପୂର୍ଣ୍ଣଭାବେ ଅବୈଜ୍ଞାନିକ ଏବଂ ମନୁଷ୍ୟକୁ ମନୋଗତବାଦୀ ଭାବେ ମନରେ ଲାଖି ରହିଥିବା ଚିନ୍ତାରେ ସ୍ଥିର ରହିବା ପାଇଁ ପ୍ରେରଣା ଦେଇଥାନ୍ତି । ଧାର୍ମିକ ଶିକ୍ଷାଲାଭ କରିଥିବା ଗୁରୁ ଲୋକଙ୍କୁ ଅବା୍‌ତ ଭାବରେ ଡକାଯାଇ ଗୁରୁତମବାଦକୁ ଘୋଷିତ କରାଯାଉଛି । ବାବା, ମାତା, ଫାଦର, ପାଷ୍ଟର, ମୌଲବୀଙ୍କ ଶିକ୍ଷା-ଦୀକ୍ଷା ମାନବୀୟ ମୂଲ୍ୟବୋଧ ପ୍ରତିଷ୍ଠା ହୋଇପାରିବ ନାହିଁ । ସିବିଆଇ ଭଳି ଅନୁସନ୍ଧାନକାରୀ ସଂସ୍ଥାର କାର୍ଯ୍ୟକ୍ଷମତା ବଢ଼ିପାରିବ ନାହିଁ କି ସରକାରୀ ସଂସ୍ଥା, ଶାସକଙ୍କ ମଧ୍ୟରେ ଦେଖାଯାଉଥିବା ବିବେକହୀନତାର ଅନ୍ତ ଘଟିବ ନାହିଁ । ବରଂ ବୈଜ୍ଞାନିକତା ହିଁ ଯାହା ବିଜ୍ଞାନସମ୍ମତ ଧର୍ମ ଏହାକୁ ପାଳନ କରାଯାଇ ପାରିଲେ ସମାଜ, ରାଷ୍ଟ୍ର-ବିଶ୍ୱରେ ଭଲ ଅବସ୍ଥା ଆସିପାରିବ । ଭଣ୍ଡ-ପାଖଣ୍ଡଙ୍କ ଦ୍ୱାରା ନୁହେଁ ! !

# ଶ୍ରଦ୍ଧାଞ୍ଜଳି ଜନବିଜ୍ଞାନୀ ଡଃ ଅମିତ ସେନଗୁପ୍ତ

***ନିହାର ମିଶ୍ର***

ଅଶୀ ଦଶକର ପ୍ରାରମ୍ଭରେ ମୌଲାନା ଆଜାଦ୍ ମେଡ଼ିକାଲ କଲେଜରୁ ଡାକ୍ତରୀ ପାସ କଲା ପରେ ଅମିତ ସେନଗୁପ୍ତ ଏକ ଘରୋଇ ଚିକିତ୍ସାଳୟରେ ନିଜ ଡାକ୍ତରୀ ଜୀବନ ଆରମ୍ଭ କରିଥିଲେ । କିନ୍ତୁ ନିଜର ଜନବାଦୀ ଚିନ୍ତାଧାରା ହେତୁ ସେଠି ବେଶୀ ଦିନ ତିଷ୍ଠି ପାରିନଥିଲେ ଏବଂ ସୈନିକ ଫାର୍ମସ ନିକଟରେ ଏକ ନିଜସ୍ୱ ଚିକିତ୍ସା କେନ୍ଦ୍ର ମାଧ୍ୟମରେ ଚିକିତ୍ସା କରିବା ଆରମ୍ଭ କରିଥିଲେ ।

ତାଙ୍କର ଜନବାଦୀ ଚିନ୍ତାଧାରା ଏବଂ ଏକ ଜନସ୍ୱାସ୍ଥ୍ୟ ସମ୍ପର୍କିତ ଗଭୀର ଜ୍ଞାନ ତାଙ୍କୁ ବିଜ୍ଞାନ ଆନ୍ଦୋଳନ ସହ ସଂଯୁକ୍ତ କରିଥିଲା ଏବଂ ସେ ବିଗତ ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି Delhi Science Forum ଏବଂ All India People's Science Network ସହ ଓତଃପ୍ରୋତ ଭାବେ ଜଡ଼ିତ ରହି ବିଭିନ୍ନ ପଦପଦବୀରେ ବିଜ୍ଞାନ ଆନ୍ଦୋଳନର କର୍ମୀମାନଙ୍କୁ ନେତୃତ୍ୱ ଦେଇ ଆସୁଥିଲେ । ବିଗତ ଦୁଇଦଶନ୍ଧି ଧରି ଜନସ୍ୱାସ୍ଥ୍ୟ ଆନ୍ଦୋଳନରେ ତାଙ୍କର ପ୍ରତ୍ୟକ୍ଷ ଏବଂ ସକ୍ରିୟ ଯୋଗଦାନ କେବଳ ଭାରତ ନୁହେଁ, ଆନ୍ତର୍ଜାତିକ ସ୍ତରରେ ମଧ୍ୟ 'ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ' ଉଦ୍ଦେଶ୍ୟରେ ଜନଆନ୍ଦୋଳନକୁ ସ୍ୱରୂପ ପ୍ରଦାନ କରିଛି । ଜଣେ ଚିକିତ୍ସକ ହିସାବରେ ଜନସ୍ୱାସ୍ଥ୍ୟର ବିଭିନ୍ନ ଦିଗ ସମ୍ପର୍କରେ ତାଙ୍କର ଅଗାଧ ଜ୍ଞାନ ହେତୁ ଜନବିଜ୍ଞାନ ଆନ୍ଦୋଳନର କର୍ମୀମାନଙ୍କର ସେ ଅତିପ୍ରିୟ ପ୍ରଶିକ୍ଷକ ରହି ଆସିଥିଲେ । ଏତଦ୍‌ବ୍ୟତୀତ ବିଭିନ୍ନ ଜାତୀୟ ଏବଂ ଆନ୍ତର୍ଜାତୀୟ ମଂଚରେ ବକ୍ତାଭାବେ ନିମନ୍ତ୍ରିତ ହୋଇ ଜନସ୍ୱାସ୍ଥ୍ୟ ସମ୍ପର୍କରେ ସେ ନିଜର ସ୍ପଷ୍ଟ ମତ ରଖି ଆସୁଥିଲେ ।

ବିଗତ କିଛିବର୍ଷ ଧରି ଜନବିଜ୍ଞାନ ଆନ୍ଦୋଳନର କର୍ମୀମାନଙ୍କର ଆଦର୍ଶଗତ ତାଲିମ ସମ୍ପର୍କରେ ସେ ଚିନ୍ତିତ ଥିଲେ । କାରଣ ବ ର୍ମାନ ଦେଶରେ ସାଂସ୍କୃତିକ ବିବିଧତା ତଥା ଧର୍ମ ନିରପେକ୍ଷତା ଉପରେ ଆକ୍ରମଣ, ଲୈଙ୍ଗିକ ଏବଂ ଅଳ୍ପସଂଖ୍ୟକ ଅସମତା, ସାମାଜିକ ଅନ୍ୟାୟ ତଥା ବ ର୍ମାନର ଉଦୀୟମାନ ନୂତନ ଜାତୀୟତାବାଦ ଆଦିରୁ ଲୋକଙ୍କୁ ସୁରକ୍ଷିତ କରିବା ସହ ଜନସାଧାରଣରେ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ଏବଂ ଆତ୍ମନିର୍ଭରଶୀଳତାର ବିକାଶ ପାଇଁ ଜନବିଜ୍ଞାନ ଆନ୍ଦୋଳନର କର୍ମୀମାନଙ୍କର ଭୂମିକା ପ୍ରତି ସେ ସଚେତନ ଥିଲେ ଏବଂ ସେଥିପାଇଁ ଦିଲ୍ଲୀ ସାଇନ୍ସ ଫୋରମ ଏବଂ ଏଆଇପିଏସ୍‌ଏନ୍ ମାଧ୍ୟମରେ ନିୟମିତ ଲେଖା ପ୍ରସ୍ତୁତ କରି ଚାଲିଥିଲେ ।

ଗତ ୨୮ ନଭେମ୍ବରରେ ୬୦ବର୍ଷ ବୟସରେ ତାଙ୍କର ଆକସ୍ମିକ ମହାପ୍ରୟାଣ ଦେଶର ସମସ୍ତ ବିଜ୍ଞାନ ଆନ୍ଦୋଳନ ତଥା ସ୍ୱାସ୍ଥ୍ୟ ଆନ୍ଦୋଳନର କର୍ମୀଙ୍କୁ ଗଭୀର ମର୍ମାହତ କରିଛି । ଏଭଳି ଏକ ଜନନାୟକଙ୍କର ସ୍ଥାନ ଅପୂରଣୀୟ । ତାଙ୍କର ଏହି ଆକସ୍ମିକ ବିୟୋଗରେ ତାଙ୍କର ଅମର ଆତ୍ମା ପ୍ରତି ସଦଗତି କାମନା କରି 'ସମଦୃଷ୍ଟି' ପରିବାର ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ ।

# ରାଜସ୍ୱ ରାହାଜାନୀର ଖୋଲାଫର୍ଦ୍ଦ : ସିପସରୁବାଲି ମହା ଜମି ଦୁର୍ନୀତି-୧୦

# ରାଜସ୍ୱ ଅଧିକାରୀଙ୍କ ତୋଗଲକୀ ଶାସନ : ଭୂସଂସ୍କାରର ନଗ୍ନ ପ୍ରହସନ

**ହୁଏନ୍‌ସାନ୍**

ସେତେବେଳେ ପୁରୀ ତହସିଲର ଅତିରିକ୍ତ ତହସିଲଦାର (ଭୂସଂସ୍କାର) ଥିଲେ ଶ୍ରୀ ପ୍ରତାପ କେଶରୀ ମହାନ୍ତି । ସେ ଯେଉଁ ଅର୍ଡ଼ର ମୁତାବକ Draft statement ପ୍ରସ୍ତୁତ କରିଥିଲେ, ସେଥିରେ କ୍ଷୁବ୍ଧ ହୋଇ ରାୟସାମନ୍ତ ଜମିଦାର ପରିବାର ଏସ୍.ଡ଼ି.ଓ ଓ ଏ.ଡ଼ି.ଏମ୍.ଙ୍କ ପାଖରେ ଅପିଲ୍ ଓ ରିଭିଜନ୍ କେସ୍ ଦାଏର କଲେ । ଶେଷରେ ମାମଲାଟି ବୋର୍ଡ଼ ଅଫ୍ ରେଭିନ୍ୟୁର ମେମ୍ବରଙ୍କ କୋର୍ଟକୁ ଗଲା ୧୯୮୭ ମସିହାରେ । ମେମ୍ବର ଶୁଣି ମାମଲାଟିକୁ ପୁଣି ରାଜସ୍ୱ ଅଧିକାରୀଙ୍କ ନିକଟକୁ ପୁନଃବିଚାର ପାଇଁ ରିମାଣ୍ଡ (remand) କରିଦେଲେ । ଏହି ପରିପ୍ରେକ୍ଷୀରେ କେସ୍‌ଟା ପ୍ରତାପ ମହାନ୍ତିଙ୍କ ପାଖକୁ ପୁଣି ଚାଲିଆସିଲା । ଏଇଠାରେ ଗୋଟାଏ ବଡ଼ଧରଣର ଚାଲ ଖେଳିଲେ ପ୍ରତାପ ମହାନ୍ତି । ବନ୍ଦୋବସ୍ତ ସଂସ୍ଥାରେ ସେ ସହକାରୀ ବନ୍ଦୋବସ୍ତ ଅଧିକାରୀ ଭାବରେ କାର୍ଯ୍ୟ କରି ପଦୋନ୍ନତି ପାଇଁ ଓ.ଏ.ଏସ୍. କ୍ୟାଡ଼ରକୁ ଆସିଥିଲେ । ରାଜସ୍ୱ ଆଇନ ଜଣା । ଆଇନର ଦୁଇଟା ଧାର । କେଉଁ ଧାରକୁ କୁଆଡ଼କୁ ନେଇ ଗାର ମାରିବାକୁ ହେବ ।

# ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବୟଃ-୧

## ଅଧ୍ୟାପକ ନୀଳମଣି ସାହୁ

**ଶ୍ରେୟାନ୍ ସ୍ୱଧର୍ମୋ ବିଗୁଣଃ ପରଧର୍ମାତ୍‌ସ୍ୱନୁଷ୍ଠିତାନ୍ ।**
**ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବୟଃ ।।**
(***ଗୀତା,*** ଅଧ୍ୟାୟ ୩/୩୫)

ଏହି ଶ୍ଳୋକଟିର ଓଡ଼ିଆ ଅର୍ଥ ***ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ***ରେ ଏହି ଭାବେ ଦିଆ ଯାଇଛି: “ସୁନ୍ଦର ରୂପେ ଅନୁଷ୍ଠିତ ପରଧର୍ମାନୁଷ୍ଠାନ ଅପେକ୍ଷା ଅଙ୍ଗହୀନ ସ୍ୱଧର୍ମାନୁଷ୍ଠାନ ଶ୍ରେୟସ୍କର ଓ ସ୍ୱଧର୍ମାନୁଷ୍ଠାନ କରୁ କରୁ ମୃତ୍ୟୁ ଘଟିଲେ ତାହା ଶ୍ରେୟସ୍କର, କିନ୍ତୁ ପରଧର୍ମାନୁଷ୍ଠାନ ଭୟାବହ ଅଟେ ।” ଏହି ଶ୍ଳୋକଟିକୁ ସର୍ବପଲ୍ଲୀ ରାଧାକୃଷ୍ଣନ୍ ତାଙ୍କର ଇଂରାଜୀରେ ଲିଖିତ *ଭଗବତ୍‌ଗୀତା* ରେ ଏହି ଭାବେ ଅନୁବାଦ କରିଛନ୍ତି: "Better is one’s own law though imperfectly carried out than the law of another carried out perfectly. Better is death in (the fulfilment of) one’s own law for to follow another’s law is perilous." — “ଅପୂର୍ଣ୍ଣ ରୂପରେ ପାଳନ କରାଯାଉ ଥିଲେ ବି ନିଜସ୍ୱ ନିୟମ ପୂର୍ଣ୍ଣ ରୂପରେ ପାଳନ କରାଯାଉଥିବା ଅନ୍ୟର ନିୟମ ଅପେକ୍ଷା ଭଲ । ନିଜସ୍ୱ ନିୟମ ପାଳନ କରୁ କରୁ ଯଦି ମୃତ୍ୟୁ ବି ହୋଇଯାଏ, ତେବେ ବି ଭଲ, କାରଣ ଅନ୍ୟର ନିୟମ ବହୁତ ବିପଦପୂର୍ଣ୍ଣ ।” (*The Bhagavatgita,* 3/35) ଆଲୋଚ୍ୟ ଶ୍ଳୋକଟି *ଭଗବତ୍‌ଗୀତାର* ଏକ ଅଂଶ, *ଭଗବତ୍‌ଗୀତା ମହାଭାରତ* ର ଏକ ଅଂଶ । *ମହାଭାରତ* ସମ୍ପର୍କରେ କୁହାଯାଇ ଥାଏ ଯେ, ଯାହା ନାହିଁ *ଭାରତେ* (*ମହାଭାରତ* ରେ) ତାହା ନାହିଁ ଭାରତେ (ଭାରତବର୍ଷରେ) । ଏହା ବି କୁହାଯାଇଛି ଯେ ଥରେ ଦେବତାମାନେ *ମହାଭାରତ*କୁ ତରାଜୁର ଗୋଟିଏ ପଲାରେ ରଖିଲେ ଓ ଚାରି *ବେଦ*କୁ ଅନ୍ୟ ପଲାରେ । ଚାରି *ବେଦ* ପାସଙ୍ଗରେ ପଡ଼ିଲେନି । *ମହାଭାରତ* ର ପଲା ଭାରି ହେଲା ।

# ଇନ୍ଦ୍ରଧନୁର ରଙ୍ଗ

## ଦେବରଞ୍ଜନ

ଆମ ସମାଜର ଏକ ବଦ୍ଧମୂଳକ ଧାରଣା ରହି ଆସିଛି ଯେ ନାରୀ ଓ ପୁରୁଷ ମଧ୍ୟରେ ପ୍ରେମ ହେଲେ ବିବାହ କରିନେବା ଜରୁରୀ ଓ ବିବାହ ହୋଇଗଲା ପରେ ନିଜର ଉ  ରାଧିକାରୀ ଭାବରେ ସନ୍ତାନ ଜନ୍ମଦେବା ନିହାତି ଜରୁରୀ । ଏହି ପ୍ରେମ-ବିବାହ-ସନ୍ତାନ ଉତ୍ପ  ଭଳି ପିଢ଼ି ପିଢ଼ିର ରୁଢ଼ିବାଦୀ ପରମ୍ପରା ମଧ୍ୟରେ ଅଧିକାଂଶ ମଣିଷ ଏତେ ବେଶି ଦ୍ରବୀଭୂତ ଯେ ଏହାର ବାହାରେ ଅନ୍ୟ କୌଣସି ବି ସମ୍ବନ୍ଧକୁ ସେମାନେ ଗ୍ରହଣ କରିବାକୁ ନାରାଜ । ସୁପ୍ରିମକୋର୍ଟଙ୍କ ଭାରତୀୟ ଦଣ୍ଡବିଧି ଆଇନର ଧାରା ୩୭୭ର ଉଚ୍ଛେଦକୁ ସମାଲୋଚନା କରାଯିବା ଆମ ସମୟର ବରଂ ଏହି ରୁଢ଼ିବାଦୀ ମାନସିକତାର ପରିଚୟ । ସେହି ସମାଲୋଚକମାନଙ୍କ ମଧ୍ୟରେ ଉଭୟ କମ୍ୟୁନିଷ୍ଟ ଓ ଦକ୍ଷିଣପନ୍ଥୀ

ବିଦେଶରର ଲୋକେ ମଧ ଅଛନ୍ତି । ସମସ୍ତଙ୍କୁ ଭୟ ମାଡ଼ି ବସିଛି ଯେ ଯଦି ସମଲିଙ୍ଗି ସମ୍ପର୍କକୁ ବହୁ ଲୋକ ଆବୋରି ନିଅନ୍ତି , ତେବେ ମଣିଷ ସଭ୍ୟତା ଧ୍ୱଂସ ପାଇଯିବ ।

## ଗଛ କାଟ -ବିୟର ପିଅ : ଭୁତ ହୋଇ ଲାଗ ଓ ଗୁଣିଆ ହୋଇ ଝାଡ଼

# ସଂଘର୍ଷରତ ଢେଙ୍କାନାଳ-ବଳରାମପୁର ଅ  ଳ

# ପ୍ରକୃତିର ସୁରକ୍ଷା ପାଇଁ ମହିଳାଙ୍କ ସଂଘର୍ଷର କାହାଣୀ

### ନରେନ୍ଦ୍ର ମହାନ୍ତି

ଢେଙ୍କାନାଳ ଜିଲ୍ଲାର ଓଡ଼ପଡ଼ା ଓ ହିନ୍ଦୋଳ ବ୍ଲକର ସୀମାନ୍ତ ବ ର୍ୀ ବଳରାମପୁର ଅ  ଳରେ ଗ୍ରାମବାସୀମାନେ ପିଲାଛୁଆଙ୍କୁ ପାଳିବା ପରି ଗତ ୧୯୭୨ ମସିହାରୁ ପ୍ରାୟ ୬୦୦ ଏକର ଅ  ଳରେ ପାଳିକରି ଜଙ୍ଗଲ ସଂରକ୍ଷଣ କରିଥିବା ଜଙ୍ଗଲରୁ ଗତ ୧୭ ନଭେମ୍ବର ଦିନ ଅନ୍ଧାରରୁ ସକାଳୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପୋଲିସ ଫୋର୍ସ ସହାୟତାର ବହୁ ମୂଲ୍ୟବାନ ଶାଳ, ପିଆଶାଳ, ହରିଡ଼ା, ବହାଡ଼ା, ମହୁଲ, ଅଁଳା ଇତ୍ୟାଦି ଗଛକୁ କାଟିବା ଖବର ପାଇଁ ଶହ ଶହ ମହିଳା ଓ ପୁରୁଷ ଗଛକୁ କୁଣ୍ଢାଇ ପ୍ରତିରୋଧ କରିବା ଓ ସେମାନଙ୍କ ଉପରେ ପୋଲିସର ଦମନଲୀଳା ସାରା ରାଜ୍ୟ ଓ ଦେଶରେ ଏକ ବଡ଼ ଖବର ହୋଇଯାଇଥିଲା । ସାମାଜିକ ଗଣମାଧମଠାରୁ ଆରମ୍ଭ କରି ମୁଦ୍ରିତ ଓ ବୈଦ୍ୟୁତିକ ଗଣମାଧମରେ ଘଟଣାର ଖବର ଦେଖି ରାଜ୍ୟବ୍ୟାପୀ ପ୍ରତିବାଦର ମହଲ ସୃଷ୍ଟି ହୋଇଥିଲା । ପୁଣି ସଂଯୋଗବଶତଃ ସେତେବେଳେ ଓଡ଼ିଶା ବିଧାସଭାର ଶୀତକାଳୀନ ଅଧିବେଶନ ଚାଲୁଥିବାରୁ କିଏ ଲୋକଙ୍କର କେତେ ନିଜର, ତାହାକୁ ନେଇ ରାଜନୈତିକ ଦଳମାନଙ୍କ ମଧରେ ବାଦବିବାଦ ଓ ପ୍ରତିଦ୍ୱନ୍ଦ୍ୱିତାର ମହଲ ସୃଷ୍ଟି ହୋଇଥିଲା ।

# ମକୁ ଭାଇଙ୍କି ଅପା ଅଡୁଆ

### ଚନ୍ଦ୍ରଗୁପ୍ତ ପଟ୍ଟନାୟକ

ନିକଟରେ ସିଭିଲ୍ ସର୍ଭିସ୍ ଚାକିରିରୁ ଇସ୍ତଫା ଦେଇ ଜନସେବା ପାଇଁ ମନ ବଳେଇଛନ୍ତି  ପରିଅପା । ଏଗାରବର୍ଷ ଚାକିରି ଥିଲା, ଅପା ଚାକିରିକୁ ବାଏବାଏ କରିଦେଲେ । ତାଙ୍କର ଏକାଜିଦ୍, ଓଡ଼ିଶାବାସୀଙ୍କ ସେବା କରିବେ । ନେତାଙ୍କ ସବ୍ କା ସାଥ୍ ସବ୍କା ବିକାଶ ଧ୍ୱନି ଅପାଙ୍କ ମନକୁ ଏମିତି ଘେନିଛି ଯେ, ସେ ପଦୁଅଁ ଧରି ବାହାରି ପଡ଼ିଛନ୍ତି ଯେମିତି ହେଲେ ରାଇଜକୁ ଏକ ନମ୍ବର କରି ଗଢ଼ିବେ । ଅପା ପଶୁ ନ ପଶୁଣୁ ମକୁ ଭାଇ କହି ପକାଇଲେ ଅପା ଆସିଲେ ଭଲ ହେଲା, ପାର୍ଟିକୁ ବଳ ମିଳିବ । ଏମିତିରେ ପାର୍ଟି ତ' ବଳୁଆ । ରାଇଜରେ ଅପା ଲୋକଙ୍କ ସେବା କରିବାକୁ ବାହାରିଛନ୍ତି ଯେତେବେଳେ,ଏହି ବଳ ଅଧିକ ବଢ଼ିବା ଥୟ । ସେପଟେ ମକୁ ଭାଇଙ୍କ କଥା ତୁଣ୍ଡରୁ ଛଡ଼େଇନେଇ ପରିଅପା ଯାହା କହିଲେ ତାହା ରାଇଜବାସୀ ଶୁଣି ତାଜୁବ୍ । ସେ ମକୁ ଭାଇଙ୍କର ଯେତିକି ଦରକାର ସେତିକି ପ୍ରଶଂସା କରି ରହି ଯାଇଥିଲେ ଚଳନ୍ତା । ହେଲେ ପରି ଅପା ମକୁ ଭାଇଙ୍କ ପାର୍ଟି ପାଇଁ ଅବଦାନ ମନେ ପକାଇ କେତେ କ'ଣ କହି ବସିଲେ । ପରସ୍ପର ତାରିଫ୍‌ରେ ଲାଗି ଯିବା ଦେଖି କେହି କେହି କହୁଛନ୍ତି ଦୁହିଁଙ୍କ ଭିତରେ କିଛି ଅଛି । ଏତିକିବେଳକୁ କୁଏଲ୍ ରାମ୍ ମକୁ ଭାଇଙ୍କ କଟା ଘା'ରେ ଲୁଣ ଛିଟା ପକେଇଦେଲେ । କୁଏଲ୍ ରାମଙ୍କ ସଫାସଫା କହିଦେଲେ: ଆମେ ମକୁଙ୍କୁ ମୁଖ୍ୟ କରିବା ସିଦ୍ଧାନ୍ତରେ ଅଟଳ । ଏହା ଶୁଣି ମକୁ ଭାଇ ନା' ହସି ପାରୁଛନ୍ତି ନା' ମନ ଖୋଲି କାନ୍ଦି ପାରୁଛନ୍ତି । ମକୁ ଭଲ କି ଜାଣନ୍ତି ତ, କୁଏଲ ରାମ ହେଉଛନ୍ତି ତାଙ୍କର ଚରମ ଶତ୍ରୁ । ତାଙ୍କ ମୁହଁରେ ପ୍ରଶଂସା ଶୁଣି ମକୁ ଭାଇଙ୍କର ଯେଉଁ ସିନେମା ମନେ ପଡ଼ିଲା ତାର ନାଁ ହେଉଛି: ଆମ ଭିତରେ କିଛି ଅଛି । ଏଇ କେତେ ଦିନ ହେଲା ମକୁ ଭାଇଙ୍କର ମନେ ପଡୁଛି ବାହୁବଳୀ ଫିଲ୍ମର କଟ୍ଟାପ୍ପା କଥା । ଯେଉଁ ପରିସ୍ଥିତିରେ ବାହୁବଳୀ କି କଟ୍ଟାପ୍ପା ଧାରୁଆ ଛୁରିରେ ଭୁଶି ମାରିଦେଲା, ତାହା ମନେପକେଇ ମକୁଭାଇ କାନ୍ଦ କାନ୍ଦ ହୋଇଯାଉଛନ୍ତି । ଏବେ ପରି ଅପା ଜଗନ୍ନାଥ ଓ ମଙ୍ଗଳା ଦର୍ଶନ ସାରିଦେଲେଣି । ଅନ୍ୟମାନଙ୍କ ଭଳି ମକୁ ଭାଇ ଅନ୍ଦାଜ ଲଗେଇଛନ୍ତି ଅପା ଲମ୍ବାଇନିଂସ୍ ଖେଳିବା ପାଇଁ ହାତଯୋଡ଼ି ମୁଣ୍ଡିଆ ମାରିଥିବେ ।

ରାଜ୍ୟବାସୀଙ୍କ ସେବା ପାଇଁ ନିଜକୁ ସମର୍ପଣ କରିବା ଲାଗି ଅପାଙ୍କ ପ୍ରାର୍ଥନା ଖବରରେ ମକୁ ଭାଇଙ୍କୁ ନିଦ ନାହିଁ । ଖାଲି ମକୁ ଭାଇଙ୍କି ନୁହଁ, ତାଙ୍କୁ ମୁଖିଆ ଭାବେ ଦେଖିବାକୁ ସପନ ଦେଖୁଥିବା ମହଲର ନିଦ ହଜିଯାଇଛି । ନିଦ ହେଲେ ତ' ସପନ ଆସିବ । ଏହା ଭିତରେ ଘର ଶତ୍ରୁ ବିଭୀଷଣ ଭଳି ଦୁଇ ଦୁଇ ଜଣ ବଳବନ୍ତ ଦିଲୁ ଆଉ ବିଜୁ ଡେରା ଛାଡ଼ିଦେଇ ଖସିଗଲେଣି । ଏହା କୁଆଡ଼େ ବଡ଼ ଧକ୍କା ବୋଲି ବିରୋଧୀଏ ଚିଲଉଛନ୍ତି । ଧକ୍କା କେତେ ବଡ଼, ତାହା ଏବେ ଜଣାଯିବ ନାହିଁ । ସେମାନେ ଦିଲ୍ଲୀମହଲକୁ ଯାହା ଲେଖିକରି ଜଣେଇଛନ୍ତି, ସେଥିରେ ପାର୍ଟିର କିଛି କିଛି ଗୁମର ପଦାକୁ ଆସିଛି । ସମୀକ୍ଷକଙ୍କ ଅନୁମାନ, ଆଉ କିଛି ନେତା ବା କର୍ମୀ ପାର୍ଟି ଛାଡ଼ିବେ । ଯଦି ତାହା ସତସତିକା ହୋଇଯିବ, ନେତାଙ୍କ ଛ'କୋଡ଼ି ଟାର୍ଗେଟ୍ ଫଳିବାକୁ ଥିବା ଗଛରେ ଉଇ ଧରିବା ଭଳି ଅବସ୍ଥା ଚାଲିଆସିଲାଣି ବୋଲିବାକୁ ହବ । ହେଲେ ମକୁ ଭାଇଙ୍କି ମୁଖିଆ କରିବାପାଇଁ ଯୋଉ ଅଭିଯାନ ଚାଲିଛି, ସେଥିରେ ଥଣ୍ଡାପାଣି ଢାଳିବା ଉଦ୍ୟମକୁ ଟାଳିବା ପାଇଁ ମକୁଭାଇଙ୍କି ଉପରୁ ମଦତ୍ ମିଳିବା ଆଶା କରାଯାଏ । ପରି ଅପା କୁଆଡ଼େ ବିହାରର ମୂଳ ବାସିନ୍ଦା । ମକୁ ଭାଇ ଯା ଆଗରୁ ସେଠାରୁ ଦିଲ୍ଲୀ ଦରବାରକୁ ଯାଇଥିଲେ । ଅପା ଭଲ ଓଡ଼ିଆ କହୁଛନ୍ତି, ମକୁ ଭାଇ କିଛି ହିନ୍ଦୀବୋଲା ଓଡ଼ିଆ କହି ଜନମନ ରଂଜନ କରୁଛନ୍ତି । ଦିଲ୍ଲୀବାଲାଙ୍କୁ ଖୁସି କରେଇବା ପାଇଁ ଏହା ଗୋଟେ ତରିକାବୋଲି କହୁଛନ୍ତି ତାଙ୍କ ସମାଲୋଚକ । ଏଇସବୁ ଭିତରେ ପରିଙ୍କ ଉଦୟ କୁଆଡ଼େ ମକୁ ଭାଇଙ୍କ ଅସ୍ତକୁ ଡାକି ଆଣିବାର ଆଶଙ୍କା ଆଡ଼କୁ ଅଙ୍ଗୁଳି ଦେଖାଉଛି । ସୋସିଆଲ ମିଡ଼ିଆ ଯେମିତି ହଠାତ୍ ଦୁଇଫାଳ ହୋଇସାରିଲାଣି । ମକୁ ଭାଇଙ୍କଠୁ ବୁମ୍ ଆଉ କ୍ୟାମେରାବାଲା ହଟିଯାଇ ଅପାଙ୍କ ଶିବିରରେ ପହଂଚି ସାରିଛନ୍ତି । ଦେଖାଯାଉ ମକୁ ଭାଇ ଆଉ ପରିଅପାଙ୍କ ଭିତରୁ କାହାର ବଳ କେତେ ।

## ଅତୀତରୁ ପୋଷ୍ଟ କାର୍ଡ଼ : ଆତ୍ମଜୀବନୀରୁ ଓଡ଼ିଶାର ଇତିହାସ - ୪୮

# ନୀଳକଣ୍ଠଙ୍କ ପୁରୀ ଓ କଟକ ସହରରେ ପାଠପଢ଼ା

## (ପଣ୍ଡିତ ନୀଳକଣ୍ଠ ଦାସଙ୍କ ଆତ୍ମକାହାଣୀ 'ଆତ୍ମଜୀବୀନ 'ରୁ ସଂଗୃହୀତ)

**ଶୈଲେନ ରାଉତରାୟ**

୧୮୯୯ ମସିହାରେ ଶ୍ରୀରାମଚନ୍ଦ୍ରପୁରର ମଧ-ଓଡ଼ିଆ ବିଦ୍ୟାଳୟରୁ ପାସ୍ କରି ନୀଳକଣ୍ଠ ଦାସ ପୁରୀ ଜିଲ୍ଲା ସ୍କୁଲର ସବା ତଳଶ୍ରେଣୀରେ ନାମ ଲେଖାଇଲେ । ଦୁଇବର୍ଷର ଶେଷବେଳକୁ ସେହି ସ୍କୁଲରେ ସେ ସେତେବେଳର ଚତୁର୍ଥ ଶ୍ରେଣୀ ଅର୍ଥାତ୍; ଏବର ଅଷ୍ଟମ ଶ୍ରେଣୀକୁ ଉ ର୍ତ୍ତି ହେଲେ । ତାଙ୍କ ପୂର୍ବରୁ ଯେଉଁମାନେ ଜିଲ୍ଲା ସ୍କୁଲରେ ଆଗରୁ ପଢ଼ି ଆସୁଥିଲେ, ସେମାନେ ସେତେବେଳକୁ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କର 'ଉପକ୍ରମଣିକା' ଶୀର୍ଷକର ସଂସ୍କୃତ ବ୍ୟାକରଣ ବହିଟିର ଓଡ଼ିଆ ଅନୁବାଦକୁ ଧରି ସେହି ଭାଷା ଶିକ୍ଷା ଆରମ୍ଭ କରିସାରିଥିଲେ । ବଙ୍ଗଳା ଅକ୍ଷରରେ ଲେଖା ସଂସ୍କୃତ ବହି ସବୁ ପଢ଼ିବା ପାଇଁ ନୀଳକଣ୍ଠ ବଙ୍ଗାକ୍ଷର ଆୟ  କରିବାକୁ ମାଇକେଲ୍ ମଧୁସୂଦନ ଗ୍ରନ୍ଥାବଳୀ ଓ ବଙ୍କିମ୍ଚନ୍ଦ୍ରଙ୍କର ଉପନ୍ୟାସ ତଥା, ବସୁମତୀ ପ୍ରେସ୍‌ର ମାସିକ ଉପନ୍ୟାସ ପଢ଼ିବାକୁ ଆରମ୍ଭ କଲେ । ଏହାସବୁ ଫଳରେ ବଙ୍ଗଳା ପଢ଼ିବାରେ ବୁ୍ୟପ ି ଲାଭ କରି ସେ ମାସକ ଭିତରେ ବ୍ୟାକରଣ କୌମୁଦି (ବିଦ୍ୟାସାଗର ବିରଚିତ) ସାରି ସଂସ୍କୃତି ବ୍ୟାକରଣରେ ପ୍ରବେଶ କଲେ । ନବମ ଶ୍ରେଣୀକୁ ଉଠିଲାବେଳକୁ ତାଙ୍କୁ ପ୍ରବଳ ମ୍ୟାଲେରିଆ ହେଲା ।

# ଦୋପଦୀର ଅନ୍ତଃସ୍ୱର-୩

ମୂଳ ଲେଖା- ଦୋପଦୀ ସିଂହାର // ଭାଷାନ୍ତର- ନିହାର ମିଶ୍ର

# ପଦ୍ମାର ପାଣି

ନଈର ପାଣି
ସମସ୍ତଙ୍କ ପାଇଁ
ଏ ପାଣି ପଣ୍ଡିତ / ବ୍ରାହ୍ମଣର
ବଣିଆ / ବେପାରୀର
କାୟସ୍ଥର.. କୁମ୍ଭାରର
ସରକାରର.... ପଂଚାୟତର.. ।

ଏ ପାଣି କିନ୍ତୁ
ଆମ ପାଇଁ ମନା
ବାବୁରେ....
ଏ ପାଣି ଆମ ପାଇଁ ନୁହେଁ
ତୋ ପାଇଁ ନୁହେଁ
ଏ ପାଣିରେ
ସେ ଧାର ନାହିଁ..
ଯାହା ନିର୍ବାପିତ କରିପାରିବ
ଆମ ଜନ୍ମର...
ପାପର / ଅଭିଶାପର ଅଗ୍ନି

ବାବୁରେ...
ପେଜରେ ଗୁଡ଼ ମିଶାଇ ଦେଉଛି
ଦୁଗ୍ଧ ଭାବି ପିଇ..ଶୋଇଯା

ନିଦରେ ସ୍ୱପ୍ନ ଦେଖିବୁ
ପଣ୍ଡିତ/ ବ୍ରାହ୍ମଣ ହୋଇ ଜନ୍ମ ହୋଇଛି
ବେପାରୀ / କମ୍ପାନୀ /ଅଧିକାରୀ ସାଜିଛୁ
ମୋ ସନ୍ତାନ ହୋଇ ରହିବୁନି
ସ୍ୱପ୍ନରେ ବି ନୁହଁ...
ଏ ଜନ୍ମର ଶାପ.. ପାପ
ସ୍ୱପ୍ନରେ ବି ବୋହିବୁନି ।